## ସଂକ୍ଷେପରେ

### ଅଷ୍ଟପ୍ରହର ନାମଯଜ୍ଞ

ଦଶମନ୍ତପୁର,୧।୧୧( ଡି.ଏନ.ଏ. ): ଦଶମନ୍ତପୁର ବ୍ଲକ ସଦରସ୍ଥିତ ଜଳେଶ୍ୱର ମନ୍ଦିରରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ସୋମବାର ବ୍ରାହ୍ମ ମୁହୂର୍ତ୍ତରୁ ନାମ ସଙ୍କୀର୍ତ୍ତନ ଆରମ୍ଭ ହୋଇଥିଲା। ନାମ ଯଜ୍ଞରେ ବ୍ଲକର ୧୩ଟି ସଙ୍କୀର୍ତ୍ତନ ମଣ୍ଡଳୀ ଯୋଗ ଦେଇଥିଲେ। ମଙ୍ଗଳବାର ସକାଳେ ଦହିହାଣ୍ଡି ଭଙ୍ଗା, ରଙ୍ଗ ଖେଳ ସହ ନଗର ପରିକ୍ରମା କାର୍ଯ୍ୟ ସମ୍ପନ୍ନ ହୋଇଥିବା ଜଳେଶ୍ୱର ମହାଦେବଙ୍କ ସେବା ଦଳ ସଦସ୍ୟ ଶତ୍ରୁଘ୍ନ ଡାକୁଆ କହିଛନ୍ତି। କର୍ତ୍ତା ଭାବରେ ପ୍ରହଲ୍ଲାଦ ପ୍ରଧାନୀ, ପୂଜକ ପଦ୍ମ ଚରଣ ଖାଡଙ୍ଗା ଦାୟିତ୍ୱ ତୁଲାଇଥିଲେ। ଗୋବିନ୍ଦ ମାଝୀ, ପରମା ନାୟକ ସହଯୋଗ କରିଥିଲେ।

### ସ୍ୱର୍ଗତ ହରିହର ମିଶ୍ରଙ୍କ ଶ୍ରାଦ୍ଧ ଦିବସ ପାଳିତ

ଜୟପୁର ୧।୧୧ (ନି.ପ୍ର.): ଜୟପୁର ପୂଜ୍ୟପୂଜା ସଂସଦ ପକ୍ଷରୁ ନବ ଉତ୍କଳ ନିର୍ମାଣରେ ଓଡିଶାକୁ ମିଶାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ସ୍ୱର୍ଗତ ହରିହର ମିଶ୍ରଙ୍କ ୪୭ ତମ ଶ୍ରାଦ୍ଧ ଦିବସ ସୋମବାର ପାଳିତ ହୋଇଛି। ଏହି ଅବସରରେ ଗଙ୍ଗାନଗରସ୍ଥିତ ତାଙ୍କ ସ୍ମୃତି ସ୍ଥଳରେ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ପୌରାଧକ୍ଷ ନରେନ୍ଦ୍ର ମହାନ୍ତି ଯୋଗ ଦେଇଥିଲେ। ସଂସଦର ସଭାପତି କେଦାର ନାଥ ବେହେରା ଅଧକ୍ଷତା କରିଥିଲେ। ସାଧାରଣ ସମ୍ପାଦକ ତପନ କିରଣ ତ୍ରିପାଠୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

### ଆୟ୍ୟାପ୍ପା ଭକ୍ତଙ୍କ ଅଗ୍ନି ପୂଜା ଶେଷ

ମାଲକାନଗିରି,୧।୧୧(ଡି.ଏନ୍.ଏ.): ମାଲକାନଗିରି ଜିଲା ସଦର ମହକୁମା ମଲ୍ଲିକେଶ୍ୱର ପାହାଡ ନିକଟ ମଲ୍ଲିକେଶ୍ୱର ସନ୍ନିଧାନମ୍‌ରେ ଆୟ୍ୟାପ୍ପା ଶ୍ରଦ୍ଧାଳୁମାନଙ୍କ ଆୟ୍ୟୀ ପୂଜା ଅନୁଷ୍ଠିତ ଅନୁଷ୍ଠିତ ହୋଇଯାଇଛି। ଅଗ୍ନି ପୂଜା ରୂପେ ପରିଚିତ ଏହି ପୂଜାରେ ଅବିଭକ୍ତ କୋରାପୁଟ ଜିଲାର ମାଲକାନଗିରି, ନବରଙ୍ଗପୁର, ରାୟଗଡା, କୋରାପୁଟ ସହ ପଡୋଶୀ ଆନ୍ଧ୍ରର ସିଲେରୁ ଅଞ୍ଚଳରୁ ଶତାଧିକ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ଏହି ଅଗ୍ନି ପୂଜାରେ ପ୍ରଥମେ ଆୟପା ଶ୍ରଦ୍ଧାଳୁମାନେ ସହର ପରିକ୍ରମା କରି ମାଳିକା ପୁରୋତମ ଦେବୀଙ୍କ କଳଶ ଧରି ସହର ପରିକ୍ରମା କରିଥିଲେ। ସନ୍ନିଧାନମ୍ ସମ୍ମୁଖରେ ନିଆଁ ଲଗାଇ ଉକ୍ତ ନିଆଁକୁ ପୂଜାର୍ଚ୍ଚନା କରି ନିଆଁ ଉପରେ ସମସ୍ତେ ଚାଲି ଚାଲି ଯାଇ ନିଜ ପରିବାରର ଶୁଭ ମନାସିଥିଲେ।

### ପାତ୍ରପୁଟ ବ୍ରିଜରେ ଲାଗିଲା କେନ୍ଦୁପତ୍ର ବୋଝେଇ ଟ୍ରକ୍

ଜୟପୁର,୧।୧୧ (ନି.ପ୍ର.): ପାତ୍ରପୁଟ ବ୍ରିଜଠାରେ ଏକ କେନ୍ଦୁପତ୍ର ବୋଝେଇ ଟ୍ରକ ମଙ୍ଗଳବାର ପ୍ରାୟ ଅଧ ଘଣ୍ଟା ଧରି ଅଟକି ରହିଥିଲା। ଫଳରେ ଏହି ରାସ୍ତା ଦେଇ ଯାତାୟାତ କରୁଥିବା ଗାଡି ମୋଟରଠାରୁ ଆରମ୍ଭ କରି ରୋଗୀ ନେଇ ଯାଉଥିବା ଆମ୍ବୁଲାନ୍ସ ମଧ ଏଠଶରେ ଅଟକି ରହିଥିବା ଦେଖିବାକୁ ମିଳିଥିଲା। ଟ୍ରକଗୁଡିକ ଓଭରଲୋଡ୍ କରି କେନ୍ଦପତ୍ର ଆଣୁଥିବାରୁ ଏପରି ସମସ୍ୟା ଅଧିକାଂଶ ସମୟରେ ଦେଖାଦେଉଥିବା ଅଭିଯୋଗ ହେଉଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# 'ଲାଞ୍ଚଖୋର ମାନସିକତାର ପରିବର୍ତ୍ତନ ଲୋଡ଼ା'

## ଦୁର୍ନୀତି ନିବାରଣ କେବଳ ଶପଥରେ ସୀମିତ

ମାଲକାନଗିରି,୧।୧୧(ଡି.ଏନ.ଏ.)

ଦୁର୍ନୀତି ନିବାରଣ ପାଇଁ ୧୯୮୦ରେ କେନ୍ଦ୍ର ସରକାର ସ୍ୱତନ୍ତ୍ର ଆଇନ ପ୍ରଣୟନ କରିବା ସହ ଏହାକୁ ଲାଗୁ କରିବା ଲାଗି ଗୁରୁତ୍ୱ ଦେଇଥିଲେ। ଏହାପରଠାରୁ କେନ୍ଦ୍ର ଓ ରାଜ୍ୟ ସ୍ତରରେ ଦୁର୍ନୀତି ନିବାରଣ ଲାଗି ଗୁରୁତ୍ୱାରୋପ କରାଯାଇଛି। ଅନେକ ସମୟରେ ସରକାରୀ ଓ ବେସରକାରୀ ସଂସ୍ଥାର ଉଚ୍ଚପଦସ୍ଥ କେତେକ ଅଧିକାରୀ ଦୁର୍ନୀତିରେ ଲିପ୍ତ ରହୁଥିବା ଦେଖିବାକୁ ମିଳୁଛି। ଏହାକୁ ରୋକିବା ଓ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପ୍ରତିବର୍ଷ ଅକ୍ଟୋବର ୩୧ରୁ ନଭେମ୍ବର ୬ ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ସପ୍ତାହ ପାଳନ କରାଯାଉଛି। କର୍ମଚାରୀମାନେ ନିଜ ନିଜ ବିଭାଗରେ ଦୁର୍ନୀତି ନ କରିବାକୁ ଶପଥ ପାଠ କରୁଛନ୍ତି। ମାତ୍ର ପରବର୍ତ୍ତୀ ସମୟରେ ଦୁର୍ନୀତିରେ ଲିପ୍ତ ରହୁଛନ୍ତି। ରାଜ୍ୟରେ ଦୁର୍ନୀତି ନିବାରଣ ବିଭାଗ ଏଯାବତ୍ ୧୦୬୪ଟି ମାମଲାରେ ୫୦ ପ୍ରତିଶତ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଆବଶ୍ୟକ ସ୍ଥଳେ ସେମାନେ ଚାକିରିରୁ ବହିଷ୍କୃତ ହୋଇଛନ୍ତି। ଅର୍ଥଦଣ୍ଡ ସହ କେତେକଙ୍କ ସମ୍ପତ୍ତି ବାଜ୍ୟାପ୍ତ ହୋଇଛି। ମାଲକାନଗିରି ଜିଲାରେ ଏହି ସପ୍ତାହ ଅବସରରେ ବିଭିନ୍ନ ସ୍ଥାନରେ ସଚେତନତା କାର୍ଯ୍ୟକ୍ରମ ସହ ଶପଥ ପାଠ ଉତ୍ସବ ପଞ୍ଚାୟତ, ବ୍ଲକ ଓ ଜିଲା ସ୍ତରରେ ଆରମ୍ଭ ହୋଇଛି। ବିଗତ ବର୍ଷରେ କେତେଜଣ ପଦାଧିକାରୀ ଦୁର୍ନୀତି ନ କରିବାକୁ ଶପଥ ନେଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଦୁର୍ନୀତି କରି ଦୁର୍ନୀତି ନିବାରଣ ବିଭାଗ ହାତରେ ଧରାପଡି ଗିରଫ ହେବା ନଜିର ରହିଛି। ତେବେ ସରକାରୀ ନିୟମକୁ ବେଖାତିର କରି ଦୁର୍ନୀତି କରୁଥିବା ଲୋକଙ୍କ ଦୁର୍ନୀତିଖୋର ମାନସିକତାରେ ପରିବର୍ତ୍ତନ ନ ହେଲେ ଦୁର୍ନୀତକୁ ରୋକାଯାଇପାରିବ ନାହିଁ ବୋଲି କେତେକ ବୁଦ୍ଧିଜୀବୀ ମତ ଦେଇଛନ୍ତି। ଏହି ଦୁର୍ନୀତି ରୋକିବାରେ ସରକାରୀ ସ୍ତର ଅପେକ୍ଷା ଜନପ୍ରତିନିଧିମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସେମାନଙ୍କ ଅଞ୍ଚଳରେ ବିକାଶ ମୂଳକ କାର୍ଯ୍ୟରେ ବିପୁଳ ପରିମାଣର ଅର୍ଥ ବ୍ୟୟ ହେଉଥିବାରୁ ସେହିଠାରୁ ଦୁର୍ନୀତି ଆରମ୍ଭ ହୋଇଥାଏ। ଜନପ୍ରତିନିଧିମାନେ ଚାହିଁଲେ ବିକାଶମୂଳକ କାର୍ଯ୍ୟରେ ତଳ ସ୍ତରରୁ ଆରମ୍ଭ ହେଉଥିବା ଦୁର୍ନୀତିକୁ ରୋକି ପାରିବେ। ନହେଲେ ଏହି ସଚେତନତା ସପ୍ତାହ କେବଳ ଶପଥ ପାଳନରେ ସୀମିତ ରହିଯିବ।


ଏକ କାର୍ଯ୍ୟାଳୟର କର୍ମଚାରୀମାନେ ଶପଥପାଠ କରୁଛନ୍ତି।

# ଦରମା ନପାଇ ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ସିକ୍ୟୁରିଟି କର୍ମଚାରୀ


ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ସିକ୍ୟୁରିଟି କର୍ମଚାରୀ।

ମାଲକାନଗିରି, ୧।୧୧(ଡି.ଏନ.ଏ.)

ମାଲକାନଗିରି ଜିଲାରେ ହାଇଦ୍ରାବାଦର ଜିଭିପିଆର କମ୍ପାନୀ ଗ୍ରାମକୁ ଗ୍ରାମକୁ ଜଳ ଯୋଗାଣ କାର୍ଯ୍ୟ କରୁଛି। ଏହି କମ୍ପାନୀ ବିଭିନ୍ନ ସ୍ଥାନରେ କ୍ୟାମ୍ପ କରି ଜଳ ଯୋଗାଣ ନିମନ୍ତେ ବ୍ୟବହାର ହେଉଥିବା ସାମଗ୍ରୀ ରଖୁଥିଲା। ଏହି କ୍ୟାମ୍ପର ତଦାରଖ କରିବା ପାଇଁ କେତେ ଜଣ ସିକ୍ୟୁରିଟି ଗାର୍ଡ ଆବଶ୍ୟକ ହେବାରୁ ସୁରିୟା ସିକୁରିଟି ନାମକ ଏକ କମ୍ପାନୀକୁ ଏହାର ଦାୟିତ୍ୱ କମ୍ପାନୀ ଦେଇଥିଲା। ୨୦୧୭ରେ ସୁରିୟା କମ୍ପାନୀ ଦ୍ୱାରା କେତେକ ଯୁବକ ଏହି ସିକ୍ୟୁରିଟି କାମରେ ନିୟୋଜିତ ହୋଇଥିଲେ। ସେମାନଙ୍କୁ ଚାକିରି ଦେବା ପୂର୍ବରୁ ସୁରିୟା କମ୍ପାନୀ ସେମାନଙ୍କଠାରୁ ୨୦ରୁ ୩୦ ହଜାର ଟଙ୍କା ଲେଖାଏ ସିକ୍ୟୁରିଟି ଡିପୋଜିଟ୍ ବାବଦରେ ନେଇଥିଲେ। ଏଥିସହ ପ୍ରତିମାସରେ ଇପିଏଫ ବାବଦରେ ମଧ ଦରମାରୁ କିଛି ଟଙ୍କା କାଟୁଥିଲେ। ବର୍ତ୍ତମାନ ୮ ମାସ ହେଲା କମ୍ପାନୀ ସେମାନଙ୍କୁ ଦରମା ଦେଉନାହିଁ। ଚତୁରତା ସହ ସୁରିୟା କମ୍ପାନୀ ଏହି ଦାୟିତ୍ୱ ଜଗନ୍ନାଥ ସିକ୍ୟୁରିଟି ଗାର୍ଡ଼ କମ୍ପାନୀକୁ ଦାୟିତ୍ୱ ଦେଇଛି। ଏଥିରେ ଥିବା କର୍ମଚାରୀ ୮ମାସର ଦରମା ପାଇ ନ ଥିବା ଜାଣିବା ପରେ ସେମାନେ ଚିନ୍ତାରେ ପଡିଯାଇଛନ୍ତି। ଶେଷରେ ସୁରିୟା ସିକ୍ୟୁରିଟି କମ୍ପାନୀରେ କାର୍ଯ୍ୟ କରୁଥିବା ୧୬ ଜଣ କର୍ମଚାରୀ ମଙ୍ଗଳବାର ଜିଲାପାଳଙ୍କୁ ଭେଟି ଏକ ଦାବିପତ୍ର ଦେଇଛନ୍ତି। ସେମାନଙ୍କ ସିକ୍ୟୁରିଟି ବାବଦରେ ବାନ୍ଧିଥିବା ଟଙ୍କା, ଦରମା ଓ ଇପିଏଫ ପାଇଁ କଟା ହୋଇଥିବା ଟଙ୍କା ଫେରସ୍ତ ଆଣିବା ପାଇଁ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି।

# କ୍ୱାକମାନଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ

ମାଲକାନଗିରି, ୧।୧୧(ଡି.ଏନ.ଏ.)

ମାଲକାନଗିରି ଜିଲାର ଗ୍ରାମାଞ୍ଚଳରେ ଅନେକ ରୋଗୀ ସରକାରୀ ଡାକ୍ତରଖାନାକୁ ନ ଯାଇ ବିଭିନ୍ନ ଗୁଣିଆ ଦିଶାରିମାନଙ୍କ ଦ୍ୱାରା ଚିକିତ୍ସିତ ହେଉଛନ୍ତି। ଏଥିପାଇଁ ଅନେକ ସମୟରେ ସେମାନେ ବିପଦରେ ପଡୁଛନ୍ତି। ଏମାନଙ୍କୁ କିପରି ସଚେତନ କରାଯାଇ ଉତ୍ତମ ଚିକିତ୍ସା ଯୋଗାଇ ହେବ ସେନେଇ ଦିଶାରୀମାନଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବହୁଳ ଅଞ୍ଚଳରେ ଲୋକମାନେ ରୋଗାଗ୍ରସ୍ତ ହେଲେ କିପରି ତୁରନ୍ତ ଡାକ୍ତରଙ୍କ ସହାୟତା ନେଇ ପରାମର୍ଶ କରିବେ, ସମ୍ପୃକ୍ତ ଅଞ୍ଚଳର ସ୍ୱାସ୍ଥ୍ୟ କର୍ମୀଙ୍କ ସହାୟତା ନେଇ ରକ୍ତ ନମୁନା ସଂଗ୍ରହ କରିବେ, ସରକାରଙ୍କ ପକ୍ଷରୁ ଥିବା ସ୍ୱାସ୍ଥ୍ୟ ବୀମା, ବିଜୁ ସ୍ୱାସ୍ଥ୍ୟ କାର୍ଡ, କିଶାନ କ୍ରେଡିଟ କାର୍ଡର ସୁବିଧା ପାଇବେ ସେ ସମ୍ପର୍କରେ ଆୟୋଜିତ ଏହି ଜଲାସ୍ତରୟ କାର୍ଯ୍ୟକ୍ରମରେ ଆଲୋଚନା ହୋଇଥିଲା। ଅନ୍ୟ ରାଜ୍ୟର ଘରୋଇ ସଂସ୍ଥାରେ ଡାକ୍ତରି ଶିକ୍ଷା କରି ପ୍ରମାଣପତ୍ର ଆଣିଥିବା କ୍ୱାକ ଯେଉଁମାନେ ମାଲକାନଗିରି ଜିଲାର ଗ୍ରାମାଞ୍ଚଳରେ ରୋଗୀ ସେବା କରୁଛନ୍ତି ସେମାନେ ଗୁରୁତର ରୋଗୀଙ୍କୁ ବିଶାଖାପାଟଣାସ୍ଥିତ ଅନିଲ ନିରୁକୋଣ୍ଡା ଚିକିତ୍ସାଳୟକୁ ପଠାଇବା ପାଇଁ ଉପସ୍ଥିତ ଡାକ୍ତରମାନେ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଶାଖାପାଟଣାର ଅନିଲ ନିରୁକୋଣ୍ଡା ସଂସ୍ଥା ପକ୍ଷରୁ ବରିଷ୍ଠ ଭେଷଜ ବିଶେଷଜ୍ଞ ଡା. ଏଲ୍. କିରଣ କୁମାର, ଅସ୍ଥିଶୈଲ୍ୟ ବିଶେଷଜ୍ଞ ଡା. ହରି କିଶୋର ପାତ୍ର, ସ୍ତ୍ରୀ ଓ ପ୍ରସୂତି ବିଭାଗ ବିଶେଷଜ୍ଞ ଡା. ହିରଣ୍ମୟୀ, ଶୈଲ୍ୟ ବିଶେଷଜ୍ଞ ଆଲୋକ ମହାନ୍ତ ଉପସ୍ଥିତ ଥିଲେ। ମାଲକାନଗିରି ଜିଲା ଦାୟିତ୍ୱରେ ଥିବା ପାରକେଶ ପଟ୍ଟନାୟକ ଓ ସନ୍ତୋଷ ପଟ୍ଟନାୟକ ପରିଚାଳନା କରଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ କ୍ୱାକ୍‌ମାନେ।

## ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ତାଲିମ କାର୍ଯ୍ୟକ୍ରମ

ଚିତ୍ରକୋଣ୍ଡା/ମାଲକାନଗିରି,୧।୧୧(ଡି.ଏନ.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଭୁକ୍ତ ଶିଶୁ ଓ ମହିଳା କଲ୍ୟାଣ ସମିତି ଅନୁଷ୍ଠାନ ସଭାଗୃହରେ ମାଲକାନଗିରି ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଆଇନ ସଚେତନତା ନେଇ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରାଧିକରଣର ସଚିବ ରାକେଶ କୁମାର ମୁଦୁଲିଙ୍କ ନିର୍ଦ୍ଦେଶରେହୋଇଥିବା ଏହି କାର୍ଯ୍ୟକ୍ରମରେ ସଭାପତି ତଥା ଆଇନଜୀବୀ ବିଷ୍ଣୁ ପ୍ରସାଦ ନାଳା ଓ ଶିଶୁ ଓ ମହିଳା କଲ୍ୟାଣ ସମିତିର କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ପଣ୍ଡା, ଚିତ୍ରକୋଣ୍ଡା ପିଏଲଭି କ୍ଷୀରୋଦ ବେହେରା ଓ ଜଳନ୍ଧର ନାୟକ ଅତିଥି ରୂପେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଚିତ୍ରକୋଣ୍ଡା ଅଞ୍ଚଳର ବହୁସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଏବଂ ଜନସାଧାରଣ ସାମିଲ ହୋଇଥିଲେ। ସମସ୍ତ ବ୍ୟକ୍ତି କିଭଳି ମାଗଣାରେ ଆଇନ ସେବା ପାଇ ପାରିବେ ସେ ସମ୍ପର୍କରେ ଶିବିରରେ ଗୁରୁତ୍ୱାରୋପ କରାଯାଇଥିଲା। ବଡପଦର ପଞ୍ଚାୟତ ସାରିଆପାଲି ଗ୍ରାମ ବିଦ୍ୟାଳୟଠାରେ ବଡପଦର ସରପଞ୍ଚ ସ୍ୱପ୍ନା ଖିଲଙ୍କ ଅଧ୍ୟକ୍ଷତାରେ ମଧ ଏହି କାର୍ଯ୍ୟକ୍ରମ ହୋଇଥିଲା। ଏମବିକେ ସୁବା ରାଓ ସହଯୋଗ କରିଥିଲେ। ଲକ୍ଷ୍ମଣ ମୁଦୁଲି, ଚିନ୍ମୟୀ ବିଶୋୟୀ ଓ ଜଗନ୍ନାଥ ରେଡ୍ଡି ସହଯୋଗ କରିଥିଲେ।

# ୧୭୦ ଅଭିଯୋଗର ଶୁଣାଣି କଲେ ଅତିରିକ୍ତ ଜିଲାପାଳ

ଚିତ୍ରକୋଣ୍ଡା,୧।୧୧(ଡି.ଏନ.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକର ଉପାନ୍ତ ଅଞ୍ଚଳ ପାପୁଲୁର ପଞ୍ଚାୟତଠାରେ ସୋମବାର ଅତିରିକ୍ତ ଜିଲାପାଳ ମହେଶ୍ୱର ନାୟକଙ୍କ ଅଧ୍ୟକ୍ଷତାରେ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନାୟକ ୮ ପଞ୍ଚାୟତର ୧୭୦ଟି ଅଭିଯୋଗର ଶୁଣାଣି କରିଛନ୍ତି। ପିଏ ଆଇଟିଡିଏ ତ୍ରିନାଥ ମାଝୀ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପଦ୍ମ ରଞ୍ଜନ ଦାସ, ଆଡିଶନାଲ ଏସ୍‌ପି, ଜିଲା ମଙ୍ଗଳ ଅଧିକାରୀ କୃପାସିନ୍ଧୁ ବେହେରା, ଚିତ୍ରକୋଣ୍ଡା ବିଡିଓ ରଘୁନାଥ ମୁଣ୍ଡାରୀ, ଚିତ୍ରକୋଣ୍ଡା ତହସିଲଦାର ଟି. ପଦ୍ମନାଭ ଦୋରା, ଚିତ୍ରକୋଣ୍ଡା ଏସଡିପିଓ ଆରସେଲ କିସପୋଟା, ବନାଞ୍ଚଳ ଅଧିକାରୀ ବଳରାମ ନାୟକ, ଆରଡବ୍ଲ୍ୟୁଏସଏସ ସହ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଶୁଣାଣି ବେଳେ ୮ଟି ପଞ୍ଚାୟତର କୃଷକଙ୍କ ପାଇଁ ଲିଫ୍ଟ ଇରିଗେଶନ ସୁବିଧା କରିବାକୁ କୋଣ୍ଡାରେଡି ସଂଘ ଦାବିପତ୍ର ଦେଇଥିଲେ। ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ଏବଂ ରୋଗୀଙ୍କ ପାଇଁ ଆମ୍ବୁଲାନ୍ସ ଯୋଗାଇ ଦେବାକୁ ଉପାଧ୍ୟକ୍ଷ ପଦ୍ମନାଭ ଦୋରା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପରି କପାତୁଟି ସରପଞ୍ଚ ଅଞ୍ଚଳବାସୀଙ୍କ ନିମନ୍ତେ ରାସ୍ତାଘାଟ, ପାନୀୟ ଜଳ, ବିଦ୍ୟୁତ୍ ଏବଂ ଅନ୍ୟାନ୍ୟ ମୌଳିକ ସୁବିଧା ଯୋଗାଇ ଦେବାକୁ କହିଥିଲେ। ଆସିଥିବା ଅଭିଯୋଗଗୁଡିକର ଅନୁଧ୍ୟାନ କରି ରହିଥିବା ସମସ୍ୟା ସମାଧାନ କରିବା ଲାଗି ଅତିରିକ୍ତ ଜିଲାପାଳ ନାୟକ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଉକ୍ତ ଜନଶୁଣାଣିରେ ୬ଟି ପଞ୍ଚାୟତରୁ ୧ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ ଯୋଗ ଦେଇଥିଲେ।

# ବିଦ୍ୟାଳୟ ପରିସରରେ ଜବରଦଖଲ

## ଫାଟକରେ ତାଲା ପକାଇଲା ପରିଚାଳନା କମିଟି

କୁନ୍ଦୁରା,୧।୧୧ (ଡି.ଏନ.ଏ.)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ବାଣୁଆଗୁଡ଼ା ପଞ୍ଚାୟତ ଅନ୍ତର୍ଗତ ଲାଛନାଗୁଡ଼ାଠାରେ ଥିବା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ସୁବାଷ ବିଶୋୟୀ ନାମକ ଜଣେ ବ୍ୟକ୍ତି କିଛି ଅଂଶ ଜବରଦଖଲ କରିଥିବା ଅଭିଯୋଗ ହୋଇଛି। ସମ୍ପୃକ୍ତ ବ୍ୟକ୍ତିଙ୍କୁ ଏ ବିଷୟରେ କହିଲେ ସେ ଗାଳିଗୁଲଜ କରୁଛନ୍ତି। ମଙ୍ଗଳବାର ସମ୍ପୃକ୍ତ ବ୍ୟକ୍ତିଙ୍କୁ ବିଦ୍ୟାଳୟ ପରିସରରୁ ହଟାଇବାକୁ ଦାବି କରି ପରିଚାଳନା କମିଟି ବିଦ୍ୟାଳୟରେ ତାଲା ପକାଇଛନ୍ତି। ଦୀର୍ଘ ୮ବର୍ଷ ହେବ ନିଜ ନାମରେ ପଟ୍ଟା ନ ଥାଇ ସୁବାଷ ବିଦ୍ୟାଳୟର କିଛି ଅଂଶ ଏପରି ଜବରଦଖଲ କରି ରହିଥିବା ନେଇ କୁନ୍ଦୁରା ବ୍ଲକ କାର୍ଯ୍ୟାଳୟଠାରେ ହୋଇଥିବା ମିଳିତ ଜନ ଶୁଣାଣିରେ ପ୍ରଧାନ ଶିକ୍ଷକ ଅଭିଯୋଗ କରିଥିଲେ। ମଙ୍ଗଳବାର ସକାଳୁ ସେ ଗାଳିଗୁଲଜ କରୁଥିବା ଶୁଣିବା ପରେ ଦିନ ୧୨ଟା ଯାଏ ପରିଚଳନା କମିଟି ବିଦ୍ୟାଳୟ ଫାଟକରେ ତାଲା ପକାଇ ବନ୍ଦ କରି ଦେଇଥିଲେ। ଖବରପାଇ କୁନ୍ଦୁରା ଥାନା ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି କମିଟିକୁ ତାଲା ଖୋଲିବା ପାଇଁ କହିଥିଲେ। ତାଲା ଖୋଲିବା ପରେ ଅବସ୍ଥା ସ୍ୱାଭାବିକ ହୋଇଥିଲା। ତେବେ ଏହାର ସ୍ଥାୟୀ ସମାଧାନ ପାଇଁ କମିଟି ସଦସ୍ୟମାନେ ଦାବି କରିଥିଲେ। କୁନ୍ଦୁରା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପପେୟା ବେହେରା, ବ୍ଲକ ଶିକ୍ଷକ ସଂଘ ସଭାପତି ତ୍ରିନାଥ ପଣ୍ଡା, ସନାତନ ବିଶୋୟୀ ପ୍ରମୁଖ ପହଞ୍ଚି ଘଟଣାର ଏହାର ସମାଧାନ ପାଇଁ ଉଦ୍ୟମ କରିଥିଲେ। ବିଦ୍ୟାଳୟ ରହିଥିବା ଜାଗା ସରକାରୀ ହୋଇଥିବା ବେଳେ ଖାତା ନଂ. ୨୬୨ ଏବଂ ପ୍ଲଟ ନଂ. ୮୦୪କୁ ସେଟେଲ ମେଣ୍ଟ ସମୟରେ ବିଦ୍ୟାଳୟରେ କେହି ଦାବିଦାର ନ ଥିବା ଜଣାଇ ଆମ ନାମରେ ଉକ୍ତ ପଟ୍ଟା କରିବାକୁ ଜବରଦଖଲକାରୀ ସୁବାଷ କହିଥିବା ପଟ୍ଟାରୁ ଜଣାପଡିଛି। ବିଦ୍ୟାଳୟ ପ୍ରାୟ ୪୦ ସେଣ୍ଟ ଜମିରେ ରହିଥିବା ବେଳେ ସେଥିରୁ ୨୦ ସେଣ୍ଟ ଜାଗା ଜବରଦଖଲରେ ରହିଛି। ସେହି ଜାଗାରେ ଛାତ୍ରୀଛାତ୍ରଙ୍କ ଶୌଚାଳୟ ଥିବାରୁ ଏହାକୁ ସୁବାଷ ତାଲା ପକାଇ ରଖିଛନ୍ତି। ବିଦ୍ୟାଳୟ ପରିସରରେ ଥିବା କୂଅକୁ ମଧ ନିଜ ଦାଖଲରେ ରଖିଥିବା କମିଟି ପ୍ରକାଶ କରିଛି। ସମସ୍ୟା ସମାଧାନ ନିମନ୍ତେ ତହସିଲଦାର ପହଞ୍ଚି ପଟ୍ଟା ଲାଗି ଆବେଦନ କରିବାକୁ ପରିଚାଳନା କମିଟିକୁ କହିଥିବା ବେଳେ ସୁବାଷଙ୍କ ନାମରେ ଲିଖିତ ଅଭିଯୋଗ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

# ଇନ୍ଦିରା ଗାନ୍ଧୀଙ୍କ ୩୮ତମ ତିରୋଧାନ ଦିବସ

ମାଥିଲି,୧।୧୧(ଡି.ଏନ.ଏ.)



ଜାତୀୟ କଂଗ୍ରେସ ବ୍ଲକ କମିଟି ତରଫରୁ ଇନ୍ଦିରା ଗାନ୍ଧୀଙ୍କ ୩୮ତମ ତିରୋଧାନ ଦିବସ ଓ ଭାରତର ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୪୦ ତମ ଜନ୍ମ ଦିବସ ପାଳିତ ହୋଇଯାଇଛି। ବ୍ଲକର କଂଗ୍ରେସ କର୍ମୀମାନେ ବ୍ଲକ ସଦର ମହକୁମାରେ ଏକତ୍ରିତ ହୋଇ ଏକ ଶୋଭାଯାତ୍ରାରେ ମା' ମାଉଲି ମନ୍ଦିର ପ୍ରାଙ୍ଗଣରେ ପହଞ୍ଚି ଉଭୟ ନେତାଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ଏମଡି ଆକବରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦରଦାମ ନିୟନ୍ତ୍ରଣରେ ବିଫଳତାକୁ ନେଇ ସମାଲୋଚନା କରିଥିଲେ। ବରିଷ୍ଠ କଂଗ୍ରେସ ନେତା ଶରତ ଚନ୍ଦ୍ର ବୁରୁଦା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସ୍ମୃତି ରଞ୍ଜନ ଓ ମାଥିଲି କଂଗ୍ରେସ ବ୍ଲକ ସଭାପତି ମଙ୍ଗଳା ଗୌଡ଼ କିପରି ଆଗାମୀ ଦିନରେ ଖଇରପୁଟ ଓ ମାଥିଲି ବ୍ଲକରେ କଂଗ୍ରେସର ସ୍ଥିତି ମଜଭୁତ ହେବ, ଅଧିକରୁ ଅଧିକ ଲୋକଙ୍କୁ କଂଗ୍ରେସ ସହିତ ଯୋଡି କଂଗ୍ରେସକୁ ମଜଭୁତ କରାଯିବ ସେନେଇ ମତ ରଖିଥିଲେ। ସୁନାଧର କାକାରି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ତ୍ରିନାଥ ଭୂମିଆ, ପୂର୍ବତନ ସରପଞ୍ଚ ଫୁଲମତୀ ଜିରାମ, ପୂର୍ବତନ ସରପଞ୍ଚ ଗୌରୀ ବାଟେ, ସମିତି ସଭ୍ୟ ବାଲରାଜୁ କୋପେ, ପୂର୍ବତନ ଜିଲାପରିଷଦ ସଭ୍ୟ ବଳରାମ ପାଙ୍ଗିଙ୍କ ସମେତ ମାଥିଲି ଓ ଖଇରପୁଟରୁ କଂଗ୍ରେସ କର୍ମୀମାନେ ଯୋଗ ଦେଇଥିଲେ।

# ତଥ୍ୟ ସଂଗ୍ରହ ନେଇ ୧୪ ଦିନିଆ କାର୍ଯ୍ୟକ୍ରମ ଆରମ୍ଭ

## ନାଗରିକଙ୍କୁ ଆଇନ ସହାୟତା

ମାଲକାନଗିରି,୧।୧୧(ଡି.ଏନ୍.ଏ.)

ମାଲକାନଗିରି ଜିଲାରେ ବସବାସ କରୁଥିବା ନାଗରିକଙ୍କ ବିଭିନ୍ନ ସମସ୍ୟା ନେଇ ମାଗଣା ଆଇନ ସହାୟତା ଓ ସମସ୍ୟା ସମ୍ପର୍କିତ ତଥ୍ୟ ସଂଗ୍ରହ ଆରମ୍ଭ ହୋଇଛି। ଆଇନସେବା ପ୍ରାଧିକରଣ ସଚିବ ବିଚାରପତି ରାକେଶ ମୁଦୁଲିଙ୍କ ତତ୍ତ୍ୱାବଧାନରେ ୭ଟି ବ୍ଲକ ପାଇଁ ୭ଟି କମିଟି ଗଠନ କରାଯାଇଛି। ଜିଲାର ପ୍ରତି ପଞ୍ଚାୟତରେ ମଧ ନାଗରିକଙ୍କ ବିଭିନ୍ନ ସମସ୍ୟା ଆଇନସେବା ପ୍ରାଧିକରଣ ସହାୟତାରେ ସଚେତନତା କାର୍ଯ୍ୟକ୍ରମ ହେବ। ମାଲକାନଗିରି ବ୍ଲକ କମିଟି ମୁଖ୍ୟ ଶିଶୁ ସୁରକ୍ଷା ସଂସ୍ଥା ଅଧ୍ୟକ୍ଷ ଅଶୋକ ପଟ୍ଟନାୟକ, ଆଇନଜୀବୀ ଦୁର୍ଗା ପଟ୍ଟନାୟକ, ସାମାଜିକ କର୍ମୀ ଦୁର୍ଯ୍ୟୋଧନ ପାତ୍ର, ପାରା ଲିଗାଲ ସ୍ୱେଚ୍ଛାସେବୀ ଲିପିକା ଶିକାରୀ, ତୁଳସୀ କୀର୍ତ୍ତନିଆ ପ୍ରମୁଖ ମାଲକାନଗିରି ବ୍ଲକର ପଦ୍ମଗିରି, ଏବଂ ଝରାପାଲି ପଞ୍ଚାୟତ ଗସ୍ତ କରି ପଦ୍ମଗିରିଠାରେ ଗ୍ରାମବାସୀଙ୍କ ସହ ଏହି କାର୍ଯ୍ୟକ୍ରମ ସମ୍ପର୍କରେ ଲୋକଙ୍କୁ ସୂଚନା ଦେଇ ସେମାନଙ୍କ ସମସ୍ୟା ସମ୍ପର୍କରେ ତଥ୍ୟ ସଂଗ୍ରହ କରିଥିଲେ। ପରେ ପଦ୍ମଗିରି ମଙ୍ଗଳ ବିଭାଗ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ରଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ, ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପରେ ଝରାପାଲି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବିଭିନ୍ନ ଗ୍ରାମର ଗ୍ରାମ ମୁଖିଆ, ସ୍ୱୟଂ ସହାୟକ ଗୋଷ୍ଠୀ, ପଞ୍ଚାୟତ କର୍ମଚାରୀଙ୍କୁ ନେଇ କାର୍ଯ୍ୟକ୍ରମ ହୋଇଥିଲା। ଅଞ୍ଚଳବାସୀ ସେମାନଙ୍କ ବିଭିନ୍ନ ସମସ୍ୟା କମିଟିକୁ ଅବଗତ କରାଇଥିଲେ।


ଆଇନସେବା ପ୍ରାଧିକରଣ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଗ୍ରାମବାସୀ।

# ବ୍ରିଜ୍ ଦୁଇ ପାର୍ଶ୍ୱରେ ନିର୍ମାଣ ହୋଇନି ଆପ୍ରୋଚ ରାସ୍ତା

ବୈପାରିଗୁଡା,୧।୧୧ (ଡି.ଏନ୍.ଏ)

ଗ୍ରାମାଞ୍ଚଳରେ ଯୋଗାଯୋଗ ପାଇଁ ସରକାରଙ୍କ ପକ୍ଷରୁ ବହୁ ଅର୍ଥ ଖର୍ଚ୍ଚ କରାଯାଇ ପ୍ରଧାନମନ୍ତ୍ରୀ ସଡକ ନିର୍ମାଣ କରାଯାଉଛି। ତେବେ ବିଭାଗୀୟ ଉଦାସୀନତା ତଥା ଠିକାଦାରଙ୍କ ଖାମଖିଆଲି ମନୋଭାବ ଯୋଗୁ ରାସ୍ତା କାମ ଠିକ୍ ମାନର ହେଉ ନ ଥିବା ଅଭିଯୋଗ ହେଉଛି। ବୈପାରିଗୁଡା ବ୍ଲକ ଚିପାକୁର ପଞ୍ଚାୟତ ଅନ୍ତର୍ଗତ ଚିପାକୁର ଠାରୁ ଅମଳାଯୋଡି ରାସ୍ତା ଏହାର ଉଦାହରଣ।

୨୦୧୮ରେ ଚିପାକୁରଠାରୁ ଅମଳାଯୋଡି ପର୍ଯ୍ୟନ୍ତ ୩କୋଟି ୯୯ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଉକ୍ତ ରାସ୍ତା ନିର୍ମାଣ ଲାଗି ନିଷ୍ପତ୍ତି ହୋଇଥିଲା। ଗ୍ରାମ୍ୟ ଉନ୍ନୟନ ବିଭାଗ ଏହାର ଦାୟିତ୍ୱରେ ଥିଲା। ସୂଚନାଫଳକ ଅନୁସାରେ ଉକ୍ତ ରାସ୍ତା ୨୦୧୯ ଡିସେମ୍ବର ୧୯ରେ ଶେଷ ହୋଇଥିଲା। ଠିକାଦାରଙ୍କ ଦ୍ୱାରା ରାସ୍ତାର ରକ୍ଷଣାବେକ୍ଷଣ ପାଇଁ ୫ ବର୍ଷର ଅବଧି ରହିଛି। ତେବେ ରାସ୍ତା ସଂପୂର୍ଣ୍ଣର ୨ ବର୍ଷ ପରେ ମଧ ରାସ୍ତାରେ ନିର୍ମିତ ଏକ ବ୍ରିଜ୍‌ର ୨ ପାର୍ଶ୍ୱରେ ଆପ୍ରୋଚିଂ ରାସ୍ତା ହୋଇନାହିଁ। ଉଭୟ ପାର୍ଶ୍ୱରେ କେବଳ ମାଟି ପଡିଥିବାରୁ ଏହା ବର୍ଷା ପାଣିରେ ତାହା ଧୋଇ ହୋଇ ଜମି ହୁଡା ଭଳି ଦେଖାଯାଉଛି। ସଂକୀର୍ଣ୍ଣ ରାସ୍ତା ସାଙ୍ଗକୁ ଉଭୟ ପାର୍ଶ୍ୱରେ ୧୦ ଫୁଟ ଓସାର ଓ ୧୨ ଫୁଟ ଗଭୀରର ଖାଲ ସୃଷ୍ଟି ହୋଇଛି। ପୋଲ ଦେଇ ବାଇକ୍‌ରେ ଯାତାୟାତ ବେଳେ ଲୋକେ ସମସ୍ୟାରେ ପଡୁଛନ୍ତି। ଅନେକ ସମୟରେ ବାଇକ୍ ଆରୋହୀମାନେ ପଡି ଗୋଡ ହାତ ଭାଙ୍ଗିବା ନଜିର ରହିଛି। ଏ ସଂକ୍ରାନ୍ତରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ କେଶବ ନାୟକଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ତାହା ତିଆରି କରିବା ପାଇଁ ସଂପୃକ୍ତ ଠିକାଦାରଙ୍କୁ ନିର୍ଦ୍ଦେଶ ଦେଇଥିବା ସେ କହିଥିଲେ।


ପୋଲର ଆପ୍ରୋଚ ରାସ୍ତା ହୋଇ ନ ଥିବାରୁ ବିପଦସଙ୍କୁଳ ଅବସ୍ଥାରେ ଲୋକେ ଯାତାୟାତ କରୁଛନ୍ତି।

ଧରିତ୍ରୀ
DHARITRI
ବୁଧବାର, ୨ ନଭେମ୍ବର, ୨୦୨୨

**ଆମ୍ବୁଲାନ୍ସ ଧକ୍କାରେ ବାଇକ ଚାଳକ ଗୁରୁତର**

ପାପଡାହାଣ୍ଡି, (ଡି.ଏନ୍.ଏ.): ପାପଡାହାଣ୍ଡି ବ୍ଲକ ସଦର ମହାକୁମାରୁ ତଣ୍ଡାଗୁଡା ଯିବା ରାସ୍ତାରେ ମଙ୍ଗଳବାର ଏକ ଆମ୍ବୁଲାନ୍ସ ଧକ୍କାରେ ଜଣେ ବାଇକ ଚାଳକ ଗୁରୁତର ହୋଇଛନ୍ତି। ସେ ହେଲେ ସୋରିଷପଦର ଗ୍ରାମର ଡମ୍ବୁ ଜାନୀ। ତାଙ୍କୁ ପ୍ରଥମେ ପାପଡାହାଣ୍ଡି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଜିଲା ମୁଖ୍ୟଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସୂଚନା ମୁତାବକ ଡମ୍ବୁ ଏକ ବାଇକ ନମ୍ବର (ଓଡି-୨୪ଜି-୧୬୩୭) ପାପଡାହାଣ୍ଡିରୁ ସୋରିଷପଦର ଫେରିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ ଆମ୍ବୁଲାନ୍ସ ତାଙ୍କୁ ଧକ୍କା ଦେଇଥିଲା। ଏଥିରେ ଡମ୍ବୁ ଛିଟିକି ଯାଇ ରାସ୍ତା ଉପରେ ପଡ଼ିଥିଲେ। ଖବରପାଇ ପାପଡାହାଣ୍ଡି ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଡମ୍ବୁଙ୍କୁ ଉଦ୍ଧାର କରି ପାପଡାହାଣ୍ଡି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।



## ସଂକ୍ଷେପରେ

### ହାତୀ ଘଉଡାଇବା ଦାବି

ଗୁଣପୁର,୧।୧୧(ଡି.ଏନ.ଏ.): ରାୟଗଡା ଜିଲା ଗୁଣପୁର ସହର ସହ ବ୍ଲକର ବିଭିନ୍ନ ଅଞ୍ଚଳରେ ହାତୀ ପଲଙ୍କ ଉପଦ୍ରବ ଲାଗି ରହିଛି। ଏହାକୁ ନେଇ ଲୋକମାନେ ଚିଂାରା ପଡି ଯାଇଛନ୍ତି। ବର୍ତ୍ତମାନ ସୁଧାହାତୀ ଆକ୍ରମଣରେ ୩ ଜଣଙ୍କ ମୃତ୍ୟୁ ହୋଇଛି। ଅନେକଙ୍କ ଫସଲ ସହ ଘର ଏବଂ ଆସବାବପତ୍ର ଭାଙ୍ଗି ଯାଇଛି। ଏହାର ପ୍ରତିବାଦରେ ଜିଲା ପରିଷଦ ସଭ୍ୟ ଇଗାନ ଗମାଙ୍ଗ, ପୂର୍ବତନ ଜିଲା ପରିଷଦ ସଭ୍ୟ ମାଥ୍ୟୁ ଦଳବେହେରା, ଦାମଦୋର ଶବର, ତ୍ରିନାଥ ଦେଲବେହେରା, ଜୁନେଶ ଶବର, ଇନାନ ଶବର, ଦିବସ ରାଇକା ପ୍ରମୁଖ ମଙ୍ଗଳବାର ଜଙ୍ଗଲ ବିଭାଗ କାର୍ଯ୍ୟାଳୟକୁ ଯାଇ ହାତିପଲ ଘଉଡାଇବାକୁ ଦାବି କରିଥିଲେ। ହାତୀ ଦ୍ୱାରା ସେମାନଙ୍କ ବହୁତ କ୍ଷତି ହୋଇଛି। ଜଙ୍ଗଲକୁ ଯିବାକୁ ମଧ ଲୋକମାନେ ଡରୁଛନ୍ତି। ବର୍ତ୍ତମାନ ୫ ଦିନ ହେବ ହାତୀ ପଲଲିମାମେଡା ଏବଂ ଏସ୍‌ପିଗୁଡା ଅଞ୍ଚଳରେ ରହିଥିବା ଜଣାପଡିଛି।

### ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

କୋଲନରା, ୧।୧୧(ଡି.ଏନ୍.ଏ.): ରାୟଗଡ଼ା ଜିଲା କୋଲନରା ବ୍ଲକ ସଦର ପଞ୍ଚାୟତ କଲ୍ୟାଣୀ ମଣ୍ଡପ ଓ କେଲିଗୁଡ଼ା ପଞ୍ଚାୟତରେ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହେଇଛି। ସେଥିରେ ୨୩୮ ଜଣ ଦିବ୍ୟାଙ୍ଗ ଉପପସ୍ଥିତ ଥିଲେ। ଡାକ୍ତର ଏଲ୍.କେ ସ୍ୱାମୀ, ରଶ୍ମି ରଞ୍ଜନ ସାହୁ, ସୁପ୍ରଭା ପଣ୍ଡା, ସଂଘମିତ୍ରା ପାତ୍ର, ମେଘନା ସାମନ୍ତରାୟ, ସଂଜ୍ଞା ଦାସ ଦିବ୍ୟାଙ୍ଗଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। କୋଲନରା ପଞ୍ଚାୟତ ସମିତି ଅଧକ୍ଷା ସଂଯୁକ୍ତ କୁଲୁସିକା ପଞ୍ଚାୟତ ସମିତି ଉପାଧକ୍ଷ ହଳଧର ହିମରିକା, ଜିଲା ପରିଷଦ କ ଜୋନ୍‌ର ଇପୀଲି ନାଇଡୁ, ବିଡିଓ ଗୌର ଚନ୍ଦ୍ର ପଟ୍ଟନାୟକ, ବିଇଓ ଏମ୍.କେ. ରାଓ, ଏବିଇଓ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ, ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାତ ଶବର, କୋଲନରା ପଞ୍ଚାୟତ ନିର୍ବାହୀ ଅଧିକାରୀ ଲିଙ୍ଗରାଜ ତାଡ଼ିଙ୍ଗୀ, କେଲିଗୁଡ଼ା ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରତାପ ପାଣିଗ୍ରାହୀ ସମସ୍ତ ସରପଞ୍ଚ, ପଞ୍ଚାୟତ ସମିତି ସଭ୍ୟ ଉପସ୍ଥିତ ଥିଲେ।

### କଂଗ୍ରେସର ବିଶାଳ ସମାବେଶ

କୋଡ଼ିଙ୍ଗା, ୧।୧୧(ଡି.ଏନ୍.ଏ.): ନବରଙ୍ଗପୁର ଜିଲା କୋଡ଼ିଙ୍ଗାରେ ଜିଲା କଂଗ୍ରେସ ପକ୍ଷରୁ ଇନ୍ଦିରା ଗାନ୍ଧୀଙ୍କ ୩୮ତମ ଶ୍ରାଦ୍ଧ ଦିବସ ପାଳନ କରାଯାଇଛି। କଂଗ୍ରେସ ପକ୍ଷରୁ ଏକ ବିଶାଳ ସମାବେଶ କରାଯାଇଥିଲା। କୋରାପୁଟ ଜିଲା ଜୟପୁର ସଦର ବିଧାୟକ ତାରାପ୍ରସାଦ ବାହିନୀପତି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏଥିସହ ଜିଲାର ୧୦ଟି ବ୍ଲକର କଂଗ୍ରେସ ସଭାପତି ଏବଂ କର୍ମୀମାନେ ଉପସ୍ଥିତ ଥିଲେ। ଅତିଥିମାନେ ଇନ୍ଦିରା ଗାନ୍ଧୀଙ୍କ ଫଟୋରେ ମାଲ୍ୟାର୍ପଣ କରିଥିଲେ। ବକ୍ତାମାନେ ଆଗାମୀ ନିର୍ବାଚନରେ ଦଳକୁ ବିଜୟୀ କରିବାକୁ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। କଂଗ୍ରେସ ସଭାପତି ପଦ୍ମସାଇ ମାଳିଙ୍କ ଆବାହନରେ ଆୟୋଜିତ ଏହି କର୍ଯ୍ୟକ୍ରମକୁ ଜିଲା ସଭାପତି ମୁନା ତ୍ରିପାଠୀ ପରିଚାଳନା କରିଥିଲେ। ପୂର୍ବତନ ବିଧାୟକ ସଦନ ନାୟକ, ଭୁଜବଳ ମାଝି, ପିସିସି ସଦସ୍ୟା ଲିପିକା ମାଝି ,ମାନସା ତ୍ରିପାଠୀ, ଜିଲା ଉପସଭାପତି ଧରମ ସିଂ, ବରିଷ୍ଠ କଂଗ୍ରେସ ନେତା କେ.ଏନ୍ ରାଜୁ, କ୍ଷେମରାଜ ବାଘ, ସଞ୍ଜୀବ ବିଷୋୟୀ, ଯୁବ ନେତା ବାବୁଲି ବାଘ ପ୍ରମୁଖ ଉପସ୍ଥିତ ଥିଲେ।

# ଦୁର୍ନୀତି ବିରୋଧରେ ଏକାଠି ଲଢ଼ିଲେ ଦେଶର ବିକାଶ ହେବ

ରାୟଗଡ଼ ଅଫିସ, ୧।୧୧

ରାୟଗଡା ଜିଲା ପ୍ରଶାସନ ପକ୍ଷରୁ ଦୁର୍ନୀତି ନିବାରଣ ସପ୍ତାହ ପାଳନ କରାଯାଉଛି। ସ୍ଥାନୀୟ ଡିଆରଡିଏ ସମ୍ମିଳନୀ କକ୍ଷରେ ଜିଲାପାଳ ସ୍ୱାଧାଦେବ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥିଭାବେ ରାୟଗଡା ବିଧାୟକ ମକରନ୍ଦ ମୁଦୁଲି ଯୋଗ ଦେଇଥିଲେ। ଏସ୍‌ପି ବିବେକାନନ୍ଦ ଶର୍ମା, ମ୍ୟୁନିସିପାଲିଟି ଅଧ୍ୟକ୍ଷ ମହେଶ ପଟ୍ଟନାୟକ, ଅତିରିକ୍ତ ଜିଲାପାଳ ଧର୍ମାନନ୍ଦ ବେହେରା, ଭିଜିଲାନ୍ସ ଏସ୍‌ପି ସୁରେନ୍ଦ୍ରନାଥ ପାଣିଗ୍ରାହୀ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ରବିନାରାୟଣ ତ୍ରିପାଠୀ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ସରକାରୀ ଓକିଲ ବ୍ରଜସୁନ୍ଦର ନାୟକ ମୁଖ୍ୟବକ୍ତା ଓ ସମ୍ମାନିତ ବକ୍ତା ଭାବେ ରାୟଗଡ଼ା ମହାବିଦ୍ୟାଳୟର ଅଧ୍ୟାପିକା ବବିଲତା ଶ୍ରଫ ଉପସ୍ଥିତ ଥିଲେ। ଭାରତ ଭଳି ବିରାଟ ଗଣତାନ୍ତ୍ରିକ ଦେଶରେ ଦୁର୍ନୀତି ଏକ ବଡ ବ୍ୟାଧି। ଏହା ବିରୋଧରେ ସମାଜର ସବୁସ୍ତରରୁ ସଂଗଠିତ ହୋଇ ସଂଗ୍ରାମ କଲେ ଦେଶ ଆଗକୁ ଯିବ ବୋଲି ଅତିଥିମାନେ କହିଛନ୍ତି। ସ୍ଥାନୀୟ ଗଜପତି ଛକରୁ ଏକ ସଚେତନତା ଶୋଭାଯାତ୍ରା ବାହାରିଥିଲା। ଅତିରିକ୍ତ ଜିଲାପାଳ ପତାକା ଦେଖାଇ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ରାୟଗଡ଼ା ମହାବିଦ୍ୟାଳୟ, ମହିଳା ମହାବିଦ୍ୟାଳୟ ଓ ଆଇଟିଆଇ କଲେଜ ଛାତ୍ରୀଛାତ୍ରମାନେ ଯୋଗଦେଇ ଦୁର୍ନୀତି ବିରୋଧରେ ସଚେତନତାମୂଳକ ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ। ଶୋଭାଯାତ୍ରା ସ୍ଥାନୀୟ ସଂସ୍କୃତି କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ବୈଠକ ପ୍ରାରମ୍ଭରେ ରାୟଗଡା ଏସ୍‌ପି ଉପସ୍ଥିତ ସଭ୍ୟଙ୍କୁ ଶପଥ ପାଠ କରାଇଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ସଂଘ ସଭାପତି ଓ କର୍ମକର୍ତ୍ତା, ଏସ୍‌ଏଚ୍‌ଜି ମହିଳା, ଜିଲାସ୍ତରୀୟ ଅଧିକାରୀ ବିଭିନ୍ନ ସଂଗଠନ କର୍ମକର୍ତ୍ତା, ଛାତ୍ରୀଛାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଦୁର୍ନୀତି ନିବାରଣ ଉପ ଆରକ୍ଷୀ ଅଧୀକ୍ଷକ ସୁରେନ୍ଦ୍ର ନାଥ ରାୟଗୁରୁ ସ୍ୱାଗତ ଭାଷଣ ଦେଇଥିବାବେଳେ ଡିଆଇପିଆର୍‌ଓ ବସନ୍ତ କୁମାର ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।



ବୈଠକରେ ରାୟଗଡ଼ା ଜିଲାପାଳ ଓ ଅନ୍ୟ ଅତିଥିମାନେ।

# ୧୧ ଦିନ ପରେ ସ୍କୁଲ ଫାଟକରୁ ଖୋଲିଲା ତାଲା

## ଗ୍ରାମବାସୀଙ୍କ ଦାବିପୂରଣ ନେଇ ପ୍ରତିଶ୍ରୁତି ଦେଲେ ବ୍ଲକ ଅଧକ୍ଷା

ଡାବୁଗାଁ, ୧।୧୧ (ଡି.ଏନ.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ବୋରିଗାଁ ପଞ୍ଚାୟତ ଅଧୀନ ଏମ୍. ଖୁଟୁଗୁଡା ଗ୍ରାମରେ ଥିବା ସରକାରୀ ନୂତନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି, ପାନୀୟଜଳ ସୁବିଧା, ଶ୍ରେଣୀଗୃହ ଓ ଖେଳ ପଡିଆ ନିର୍ମାଣ ଦାବିରେ ଅକ୍ଟୋବର ୨୨ରେ ଗ୍ରାମବାସୀ ପକାଇଥିବା ତାଲା ମଙ୍ଗଳବାର ପ୍ରଶାସନ ପକ୍ଷରୁ ଖୋଲାଯାଇଛି। ବ୍ଲକ ଅଧକ୍ଷା ବୀଣା ମାଝି, ଜିଲା ପରିଷଦ ସଭ୍ୟ ଧନସିଂ ଭତ୍ରା, ବିଇଓ ଶିବଶଙ୍କର ମଣ୍ଡଳ ଓ ସ୍ଥାନୀୟ ସରପଞ୍ଚ ଶୁକୃ ଭତ୍ରା ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଡେପୁଟେଶନରେ ଯାଇଥିବା ଶିକ୍ଷକଙ୍କ ଆଦେଶନାମା ବାତିଲ କରାଯାଇଛି। ବିଦ୍ୟାଳୟ ପରିସର ମଧ୍ୟରେ ୭ ଦିନ ମଧ୍ୟରେ ନୂତନ ଶ୍ରେଣୀ ଗୃହ ନିର୍ମାଣ ସହ ପଞ୍ଚାୟତ ପକ୍ଷରୁ ପାନୀୟଜଳ ଯୋଗାଣ କରାଯିବା ନେଇ ବ୍ଲକ ଅଧକ୍ଷା ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଗ୍ରାମବାସୀ ସ୍କୁଲରୁ ତାଲା ଖୋଲିଥିଲେ। ତାଲା ଖୋଲିବବା ପରେ ମଙ୍ଗଳବାର ଏଠାରେ ପାଠପଢ଼ା ସ୍ୱାଭାବିକ ହୋଇଛି। ଏହି ସମୟରେ ବୋରିଗାଁ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପିଙ୍କି ଗୁପ୍ତା, ଘୋଡାଖୁଣ୍ଟା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ହେମନ୍ତ ପଣ୍ଡା, ଶିକ୍ଷକ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ପ୍ରକାଶ ଯେ, ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ୮ ମ ଶ୍ରେଣୀ ପର୍ଯ୍ୟନ୍ତ ୧୩୧ ଜଣ ଛାତ୍ରୀଛାତ୍ର ପଢୁଥିବାବେଳେ ସେମାନଙ୍କ ପାଇଁ ୫ ଜଣ ଶିକ୍ଷକ ଅଛନ୍ତି। ପ୍ରଧାନଶିକ୍ଷକ ବିଭିନ୍ନ କାର୍ଯ୍ୟରେ ବ୍ୟସ୍ତ ରହୁଥିବା ବେଳେ ଆଉ ଜଣେ ଶିକ୍ଷକ ବିଏଲଓ କାର୍ଯ୍ୟରେ ନିୟୋଜିତ ରହିଛନ୍ତି।ଏହା ମଧ୍ୟରେ ଶିକ୍ଷକ ସଞ୍ଜୟ ଜେନାଙ୍କୁ ଗୋଦମାଗୁଡା ପ୍ରାଥମିକ ବିଦ୍ୟାଳୟକୁ ଡେପୁଟେଶନରେ ପଠାଯିବା ପରେ ଗ୍ରାମବାସୀ କ୍ଷୋଭରେ ସ୍କୁଲ ଫାଟକରେ ତାଲା ପକାଇଥିଲେ।


ଅଧିକାରୀମାନେ ଗ୍ରାମବାସୀଙ୍କ ସହ ସେମାନଙ୍କ ଦାବି ସମ୍ପର୍କରେ ଆଲୋଚନା କରୁଛନ୍ତି।

## ନାବାଳିକାଙ୍କ ଆତ୍ମହତ୍ୟା

ରାୟଗଡ଼ା,୧।୧୧(ନି.ପ୍ର.)

ରାୟଗଡ଼ା ବ୍ଲକ ଚାନ୍ଦିଲି ପଞ୍ଚାୟତ ଅଧୀନ ଜେକେପୁରସ୍ଥିତ ନୂଆପଡ଼ା ସାହିର ଜଣେ ନାବାଳିକା(୧୫) ଆତ୍ମହତ୍ୟା କରିଛନ୍ତି। ସେ ଯୁକ୍ତ ଦୁଇ ବାଣିଜ୍ୟ ବିଭାଗରେ ଏକ ସରକାରୀ କଲେଜରେ ପଢୁଥିଲେ। ସୂଚନା ଅନୁଯାୟୀ, ସୋମବାର ବେକରେ ଓଢ଼ଣି ଦେଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ପରିବାର ଲୋକ ତାଙ୍କୁ ଫ୍ୟାନ୍‌ରେ ଝୁଲି ଛଟପଟ ହେଉଥିବା ଅବସ୍ଥାରେ କାଢ଼ି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଏହା ମଧ୍ୟରେ କିନ୍ତୁ ନାବାଳିକାଙ୍କ ମୃତ୍ୟୁ ହୋଇଯାଇଛି ବୋଲି ପୋଲିସ କହିଛି। ଚାନ୍ଦିଲି ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି ବୋଲି ତଦନ୍ତକାରୀ ଅଫିସର ଡମ୍ବରୁଧର ସୁଗ୍ରୀ ସୂଚନା ଦେଇଛନ୍ତି।

## ସାହିତ୍ୟ ପତ୍ରିକା 'ସୀମାନ୍ତ' ଉନ୍ମୋଚିତ

ନବରଙ୍ଗପୁର,୧।୧୧(ବି.ପ୍ର.)

ସାହିତ୍ୟ ପତ୍ରିକା 'ସୀମାନ୍ତ'ର ପୂଜା ସଂଖ୍ୟା ଉନ୍ମୋଚିତ ହୋଇଛି। ନବରଙ୍ଗପୁର ଜିଲାପାଳ କମଳ ଲୋଚନ ମିଶ୍ର ମୁଖ୍ୟ ଅତିଥି ଓ ସ୍ୱତନ୍ତ୍ର ଅତିଥିଭାବେ ଜିଲାପାଳଙ୍କ ସ୍ତ୍ରୀ ବବିତା ସୋର, ସମ୍ମାନିତ ଅତିଥିଭାବେ ସାମାଜିକ କର୍ମୀ ଜଗନ୍ନାଥ ମହାପାତ୍ର, ପୂର୍ବତନ ସାହିତ୍ୟ ଏକାଡେମୀ ସଭ୍ୟ ବୁଲୁ ହୋତା, ସୀମାନ୍ତ ସମ୍ପାଦକ ଅଶୋକ ପଟ୍ଟନାୟକ, ପୂର୍ବତନ ସାହିତ୍ୟ ଏକାଡେମୀ ସଭ୍ୟା ଜେମାମଣି ବିଷୋୟୀ ମଞ୍ଚାସୀନ ଥିଲେ। ସୁରେଶ ମିଶ୍ର ସୀମାନ୍ତ ଉପରେ ସ୍ୱରଚିତ ଗୀତ ଗାଇ ସମସ୍ତଙ୍କ ମନ ମୋହିଥିଲେ। କବି କନକଲତା ମହାକୁଡ଼ ଏବଂ ସତ୍ୟନାରାୟଣ ନାୟକ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। କାର୍ଯ୍ୟକ୍ରମକୁ ଦୁର୍ଗା ପ୍ରସାଦ ପାତ୍ରୀ ସଂଯୋଜନା କରିଥିବାବେଳେ ଜି.ଭେଙ୍କେଟ ରେଡ୍ଡୀ କୃତଜ୍ଞତା ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗୋପବନ୍ଧୁ ବିଷୋୟୀ, ବିଜୟ ଚୌଧୁରୀ, ଜଗଦୀଶ ତ୍ରିପାଠୀ, ପ୍ରେମଚାନ୍ଦ ପଟ୍ଟନାୟକ, ପର୍ଶୁରାମ ସାହୁ, ନିରଞ୍ଜନ ମିଶ୍ରଙ୍କ ସମେତ ନୀହାରିକା ମଲ୍ଲିକ, ସି.ଏଚ୍.ଉଷାରାଣୀ, ମନୋଜ ପଟ୍ଟନାୟକ ପି.ରବିକାନ୍ତ ରଘୁରାମ,ଅଖିଳ କୁମାର ଭଞ୍ଜ, ଦିଲୀପ ଦାଶ, ସୀମାନ୍ତ ପରିବାରର ଅନ୍ୟତମ ସଭ୍ୟା ଡ.ସଂଯୁକ୍ତା ପଣ୍ଡା, ପ୍ରଭାକର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।




# ଦାବି ପୂରଣ ନ ହେଲେ ବିଧାନସଭା ଘେରାଉ ଚେତାବନୀ

ଧୋଡ୍ରା, ୧।୧୧(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ବକଡାବେଡା ପଞ୍ଚାୟତ କାର୍ଯ୍ୟାଳୟରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଜିଲା ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଜିଲାର ୧୦ ବ୍ଲକ ସଭାପତି ଏବଂ ରାତ୍ର ଜଗୁଆଳି ଉପସ୍ଥିତ ଥିଲେ। ସ୍ଥାୟୀ ନିଯୁକ୍ତି, ସମାନ କାମକୁ ସମାନ ଦରମା, ୨୦୧୪ମସିହା ନିୟମ ୧୨୫, ୧୯୭୪ ମସିହା ୧୨୩କୁ ତୁରନ୍ତ ସଂଶୋଧନ, ରାଜ୍ୟ ବଜେଟରେ ସ୍ୱତନ୍ତ୍ର ବଜେଟ ରଖିବା, ପଞ୍ଚାୟତିରାଜ ବିଧି ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ, ଇ-ଗଭର୍ନାଂଶ ପୋର୍ଟାଲ ପିଆର ବିଭାଗରେ କର୍ମଚାରୀଙ୍କ ତାଲିକାରେ ପଞ୍ଜୀକରଣ, ଶିକ୍ଷାଗତ ଯୋଗ୍ୟତାନୁଯାୟୀ ପଦୋନ୍ନତି, ଶ୍ରମ ଓ ନିୟୋଜନ ବିଭାଗ ଦ୍ୱାରା ଘୋଷଣା କରାଯାଇଥିବା ଦୈନିକ ସର୍ବନିମ୍ନ ମଜୁରି ୩୩୩ଟଙ୍କାରୁ କମ୍ ନ ହେବା, ଚାକିରି କ୍ଷେତ୍ରରେ ସୁରକ୍ଷା ପ୍ରଦାନ ଉପରେ ବ୍ୟାପକ ଆଲୋଚନା କରାଯାଇଥିଲା। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ କରିବା ସହ ବିଧାନସଭା ଘେରାଉ କରାଯିବ ବୋଲି ସଂଘ ଜିଲା ସଭାପତି ସନ୍ନ୍ୟାସୀ ଧୋବି ଚେତାବନୀ ଦେଇଛନ୍ତି। ଉକ୍ତ ବୈଠକରେ ଜିଲା ଉପସଭାପତି ବଳଦେବ ଗଣ୍ଡ, ସମ୍ପାଦକ ସୁବାସ ହରିଜନ, କୋଷାଧ୍ୟକ୍ଷ ଜୟଦାଶ ପନକା, ନିତ୍ୟା କଲାର, ପ୍ରେମାନନ୍ଦ, ଧରମଦାସ କଲାର, ଚୈତୁ ଭତରା, ଲଛିମଧର ମାଝିଙ୍କ ସମେତ ୧୦ ବ୍ଲକ ସଭାପତି, ସମ୍ପାଦକ ଏବଂ କର୍ମଚାରୀ ଉପସ୍ଥିତ ଥିଲେ । ଝରିଗାଁ ବ୍ଲକ ସଭାପତି ଜୟଦାସ ପନକା ସଭା ପରିଚାଳନା କରିଥିଲେ।


ବୈଠକରେ ଅତିଥି ଓ ସଂଘର କର୍ମକର୍ତ୍ତାମାନେ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

rgdselfie@gmail.com


@ ଲୋକେଶ


@ ଅରେଶ୍ୱର


@ ସ୍ୱରାଜ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଝାଡ଼ାବାନ୍ତିରେ ଗୋଟିଏ ସାହିର ୨୦ ଆକ୍ରାନ୍ତ


ଡାକ୍ତରଖାନାରେ ଆକ୍ରାନ୍ତଙ୍କ ଚିକିତ୍ସା କରାଯାଉଛି।

ନବରଙ୍ଗପୁର,୧।୧୧(ବି.ପ୍ର.)

ନବରଙ୍ଗପୁର ପୌରାଞ୍ଚଳ ୧୩ ନମ୍ବର ୱାର୍ଡରେ ୨୦ ଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୭ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଅଛି। ସମସ୍ତ ଆକ୍ରାନ୍ତଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସେମାନେ ହେଲେ ଘସିରାମ ଗଦବା, ପ୍ରତିମା ଦାଶ, ସୁବର୍ଣ୍ଣ ନାୟକ, ଯମୁନା ଭତରା, ସ୍ୱାତୀ ଗଦବା, ନେହେନା ଗଦବା ଓ ପ୍ରତିମା ନାୟକ। ଏବେ ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିଛି। ତେବେ ଗୋଟିଏ ସାହିର ଗୋଟିଏ ଗଳିରେ କିଭଳି ଏତେ ଲୋକଙ୍କୁ ଝାଡା ହେଲା ତାହା ଚିନ୍ତା ଜନକ। ସ୍ୱାସ୍ଥ୍ୟ ବିଭାଗ ପାଖରେ ଖବର ପହଞ୍ଚିବା ପରେ ଏଡିପିଏଚଓ ମୃତ୍ୟୁଞ୍ଜୟ ସାହୁ, ଡାକ୍ତର ଲିପି ଦାଶ, ଏଏନ୍‌ଏମ୍ ବଳେଶ୍ୱରୀ ପଣ୍ଡା ପ୍ରମୁଖ ଉକ୍ତ ସାହିରେ ପହଞ୍ଚି ଥିଲେ। ସେମାନେ ଘରଘର ବୁଲି ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଅବସ୍ଥା ପଚାରି ବୁଝିଥିଲେ। ଏହାପରେ ପାଣି ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଇଛନ୍ତି।

# ପେନାଲ୍ଟି ସୁଟ୍‌ଆଉଟ୍‌ରେ ଜିତିଲା କାମତା ଦଳ

## ଜୀହୋବା ଜିରି ଫୁଟବଲ ଟୁର୍ନାମେଣ୍ଟ

ତେନ୍ତୁଲିଖୁଣ୍ଟି, ୧।୧୧(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ ଅଧୀନ କାମତାସ୍ଥିତ ଇଡେନ ଗାର୍ଡେନ ଷ୍ଟାଡିୟମ୍‌ରେ ୩ଦିନ ଧରି ଚାଲିଥିବା ଜୀହୋବା ଜିରି ଇଣ୍ଟରଷ୍ଟେଟ ଫୁଟବଲ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ନରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ମୁଖ୍ୟ ଅତିଥି, ବିଧାୟକ ସଦାଶିବ ପ୍ରଧାନୀ, ପୂର୍ବତନ ଏମ୍‌ପି ପ୍ରଦୀପ ମାଝି, ଜିଲା ବିଜେଡି ସଭାନେତ୍ରୀ ମଞ୍ଜୁଳା ମାଝି, ତେନ୍ତୁଲିଖୁଣ୍ଟି ବ୍ଲକ ଅଧକ୍ଷା ନିଲେନ୍ଦ୍ରୀ ନାୟକ, ବ୍ଲକ ଉପାଧକ୍ଷ ରାଜେନ୍ଦ୍ର ବିଷୋୟୀ, କାମତା ସରପଞ୍ଚ ବତି ଜାନି ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। ଘରୋଇ ଟିମ୍ କାମତା ଓ କଳାହାଣ୍ଡି ମଧ୍ୟରେ ଫାଇନାଲ ମ୍ୟାଚ ଖେଳାଯାଇଥିଲା। ଖେଳ ଶେଷ ସୁଦ୍ଧା କୌଣସି ଦଳ ଗୋଲ କରି ପାରି ନଥିଲେ। ପେନାଲ୍ଟି ଶୁଟ୍‌ଆଉଟ୍‌ରେ କାମତା ଦଳ ୨.୦ରେ ବିଜୟ ହୋଇଥିଲା। ବିଜୟୀ ଦଳକୁ ଟ୍ରଫି ଶହ ନଗଦ ୧୫ ହଜାର ଓ ରନର୍ସଅପ୍ କଳାହାଣ୍ଡି ଦଳକୁ ଟ୍ରଫି ସହ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ରେଫରୀ ମନୋଜ ଖେଳ ପରିଚାଳନା କରିଥିଲେ। ଲାଇନ୍ସ ମ୍ୟାନ ଅର୍ଜୁନ ସଗରୀୟା, ତାପସ ଏଥିରେ ସହଯୋଗ କରିଥିଲେ। ସ୍ପୋନସର ତନୟ ସାଗର ନାୟକ, ମାହେର ବାଘ, କାମତା ନାଏବ ସରପଞ୍ଚ କପିଳାସ ମାଝି, ସୁକଦେବ ବାଘ, ଦିଲ୍ଲୀପ ଡ୍ରାଇଭର, ହରିହର ଜାନି, ବାପି ବେହେରା, ସୁଜନ ବାଘ, ସୁକସନ୍ ଭତ୍ରାଙ୍କୁ ମୁଖ୍ୟ ଅତିଥି ସମ୍ମାନିତ କରିଥିଲେ। ଆୟୋଜକ ଖ୍ରୀଷ୍ଟିଆନ୍ ଯୁବକ ସଂଘ କର୍ମକର୍ତ୍ତା ଉପସ୍ଥିତ ଥିଲେ।


ଅତିଥିଙ୍କ ସହ ଖେଳାଳିମାନେ।

# ମାନ୍ଦାରେ ଚାଲିଛି ଶୀତବସ୍ତ୍ର ବ୍ୟବସାୟ

## ଆଗକୁ ବେପାର ବଢ଼ିବା ଆଶାରେ ବ୍ୟବସାୟୀ

ରାୟଗଡା ଅଫିସ, ୧।୧୧

ସବୁବର୍ଷ ଭଳି ଚଳିତ ବର୍ଷ ଶୀତ ଆରମ୍ଭରୁ ହିଁ ରାୟଗଡ଼ାରେ ଶୀତବଦ୍‌ତ୍ର ପେବାରୀଙ୍କ ଭିଡ଼ ଜମିଲାଣି। କିନ୍ତୁ ଏ ବର୍ଷ ବେପାର ମାନ୍ଦା। ଆଗୁକୁ ଶୀତ ବଢ଼ିବ ସହ ବେପାର ଭଲ ହେବା ଆଶାରେ ଅଛନ୍ତି ବ୍ୟବସାୟୀ।

ରାୟଗଡା ବ୍ଲକ ଅଫିସ ଛକ, ମୁଖ୍ୟ ରାସ୍ତା, ବସ୍‌ଷ୍ଟାଣ୍ଡ ଛକ, ତୃପ୍ତି ହୋଟେଲ ଲେନ୍‌ରେ ମଧ୍ୟପ୍ରଦେଶ ଓ ଉତ୍ତର ପ୍ରଦେଶରୁ ଶୀତ ବସ୍ତ୍ର ବ୍ୟବସାୟୀମାନେ ଆସି ଷ୍ଟଲ ପକାଇଛନ୍ତି। ଏ ବର୍ଷ ମଧ ଏହି ସବୁ ସ୍ଥାନାରେ ଷ୍ଟଲ ପଡିଛି। ୧୦ ବର୍ଷ ହେଲା ଏହି ବ୍ୟବସାୟୀମାନେ ଏଠାକୁ ଆସି ଷ୍ଟଲ କରି ଜିନିଷ ବିକନ୍ତି। ଏଠାରେ କମ୍ବଳ ୧୫୦ରୁ ଆରମ୍ଭ କରି ୨୫୦୦ ଟଙ୍କା ପର୍ଯ୍ୟନ୍ତ ରହିଛି। ସେହିପରି ଜ୍ୟାକେଟଗୁଡିକ ମଧ ୫୦୦ ରୁ ୧୦୦୦ ପର୍ଯ୍ୟନ୍ତ ରହିଛି। କିନ୍ତୁ ବିଗତ ବର୍ଷ ତୁଳନାରେ ଏ ବର୍ଷ ବେପାର ମାନ୍ଦା ଥିବା ବ୍ୟବସାୟୀମାନେ କହିଛନ୍ତି। କରୋନା ପରେ ଲୋକଙ୍କ ରୋଜଗାର ଉପରେ ପ୍ରଭାବ ପଡିଛି। ଅନେକ ନିଜର ଚାକିରୀ ହରାଇଛନ୍ତି। ଏବେବ ଯେଉଁମାନେ କିଣିବାକୁ ଆସୁଛନ୍ତି ସେମାନେ କିଣା ମୂଲ୍ୟଠାରୁ କମ୍‌ରେ ଜିନିଷ ମାଗୁଛନ୍ତି। ସେମାନଙ୍କୁ ଜିନିଷ ଦେଇ ହେଉନାହିଁ। ତେଣୁ ବେପାର ମାନ୍ଦା ଚାଲିଛି ବୋଲି ବ୍ୟବସାୟୀ କୁବେର କହିଛନ୍ତି। ଧାର କରି ବ୍ୟବସାୟ ଆରମ୍ଭ କରିଛୁ। ମୂଳ ଟଙ୍କା ଉଠିବ ନା ନାହିଁ ତାହାକୁ ନେଇ ଚିନ୍ତିତ ବୋଲି ବ୍ୟବସାୟୀ ନଦିମ କହିଛନ୍ତି। ପୂର୍ବରୁ ଦୋକାନ ପିଛା ଦୀପାବଳି ମଧ୍ୟରେ ୫୦ ହଜାରରୁ ଉର୍ଦ୍ଧ୍ୱ ବ୍ୟବସାୟ ହେଉଥିଲା। ହେଲେ ଏବେ ଦୀପାବଳି ସରିଗଲା ପରେ ମଧ ବେପାର ଆରମ୍ଭ ହୋଇ ନଥିବା କହିଛନ୍ତି ବ୍ୟବସାୟୀ। କରୋନା ପୂର୍ବରୁ ୧ ଦୋକାନ ପିଛା ୩ ଲକ୍ଷ ୫୦ ହଜାର ହେଉଥିଲା। ଥଣ୍ଡା ବଢିଲେ ବ୍ୟବସାୟ ବଢିବ ବୋଲି ବ୍ୟବସାୟୀମାନେ ଆଶାୟୀ।



